Chapter- 4

# ନୂଆଖାଇ

## STUDY NOTES

**ବିଷୟର ସାରକଥା:**

- ଓଡ଼ିଶାରେ ବାରମାସରେ ତେରପର୍ବ ପାଳନ କରାଯାଏ ।
- ସେଥିମଧ୍ୟରୁ ନୂଆଖାଇ ପର୍ବ ହେଉଛି ଗୋଟିଏ ।
- ଏହିପର୍ବ ସାଧାରଣତଃ ପଶ୍ଚିମ ଓଡ଼ିଶାରେ ପାଳନ କରାଯାଇଥାଏ ।
- ଭାଦ୍ରବ ମାସ ଶୁକ୍ଲପକ୍ଷ ପଞ୍ଚମୀ ତିଥିରେ ଏହି ପର୍ବ ପାଳନ କରାଯାଏ ।
- 'ନୂଆଖାଇ'ରେ ମା' ବସୁମତୀଙ୍କୁ କୃତଜ୍ଞତା ଜଣାଇ ପ୍ରଥମ ଫସଲର ନୂଆ ଅନ୍ନକୁ ହାଣ୍ଡିରେ ଭୋଗ କରାଯାଇ ଇଷ୍ଟଦେବୀ ଓ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ ।
- ଘରର ସ୍ତ୍ରୀ ଲୋକମାନେ ଘର ଦ୍ୱାର ଲିପାପୋଛା କରିଥା'ନ୍ତି ।
- ମିଠା, ପିଠାପଣା, ଚାଉଳ, ନଡ଼ିଆ, ଘିଅ, ଗୁଡ଼ ଯୋଗାଡ଼ କରାଯାଏ ।
- ପୂଜା ପାଇଁ ଧୂପ, ଦୀପ, କର୍ପୂର,ନୂଆବସ୍ତ୍ର ସଂଗ୍ରହ କରାଯାଏ ।
- ବିଦେଶରେ ରହୁଥିବା ଲୋକମାନେ ଗାଁକୁ ଫେରିଆସନ୍ତି ।
- ପୂଜା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୁଏ ।
- ଘରର ମୁଖିଆ ସଫା ନୂଆ ଲୁଗା ପିନ୍ଧି ପୂଜାରେ ବସନ୍ତି ।
- ପିତୃପୁରୁଷଙ୍କୁ ପିଣ୍ଡଦାନ କରାଯାଏ ।
- ଧୂପ, ଦୀପ, କର୍ପୂର, ଚନ୍ଦନରେ ଘର ମହକି ଉଠେ ।
- ଘଣ୍ଟ ଘଣ୍ଟା, ଶଙ୍ଖ, ହୁଳହୁଳିରେ ଅଗଣା ଦୁଲୁକି ଉଠେ ।
- ପୂଜା ଶେଷରେ ସମସ୍ତେ ଗୋଟିଏ ଜାଗାରେ ବସି ପ୍ରସାଦ ପାଇଥା'ନ୍ତି ।
- ତା'ପରେ ସାନମାନେ ବଡ଼ମାନଙ୍କୁ ମୁଣ୍ଡିଆ ମାରିଥା'ନ୍ତି ।
- ନୂଆଖାଇ ସାରି ଝିଅବୋହୂମାନେ ନୂଆପୋଷାକ ପିନ୍ଧି ବାହାରି ପଡ଼ନ୍ତି ନୂଆଖାଇ ଭେଟଘାଟ ପାଇଁ ।
- ଘର ଘର ବୁଲି ଗୁରୁଜନମାନଙ୍କୁ ମୁଣ୍ଡିଆ ମାରନ୍ତି ।
- ବୁଢ଼ାବୁଢ଼ୀମାନେ କହନ୍ତି- ''ବଞ୍ଚିଥିଲେ ଆଉ ବରଷକେ ଦେଖାହେମାଁ'' ।
- ସମସ୍ତେ ମନ୍ଦିର ଯାଇ ଦେବଦେବୀ ଦର୍ଶନ କରନ୍ତି ।

- ଉତ୍ପାଦନ ବଢୁ ଓ ସଂସାରରୁ ଅନ୍ନକଷ୍ଟ ଦୂର ହେଉ ବୋଲି ଠାକୁରଙ୍କ ପାଖରେ ପ୍ରାର୍ଥନା କରନ୍ତି।
- ନାଚଗୀତ, ଖିଆପିଆରେ ଲୋକେ ନିଜକୁ ହଜାଇ ଦିଅନ୍ତି।
- 'ନୂଆଖାଇ' ଏକ ସାମାଜିକ ଓ କୃଷିଭିତ୍ତିକ ପର୍ବ।
- ଏହି ପର୍ବର ବିଶେଷତ୍ୱ ହେଲା- ଏହା ଜନସାଧାରଣଙ୍କୁ ସାମାଜିକ ବନ୍ଧନର ଗୁରୁତ୍ୱ ଶିଖାଇଥାଏ।
- ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ମାନବିକତା ଓ ଭ୍ରାତୃତ୍ୱ ଭାବନା ସୃଷ୍ଟି କରିଥାଏ।

**କଠିନ ଶବ୍ଦର ଅର୍ଥ:**

ଇଷ୍ଟଦେବୀ - ପୂଜା ପାଉଥିବା ଦେବୀ

ସମର୍ପଣ - ପ୍ରଦାନ, ଦେବା

ବସୁମତୀ - ଧରଣୀ, ଧରା

କୃତଜ୍ଞତା - କାର୍ଯ୍ୟସିଦ୍ଧିରେ ସନ୍ତୁଷ୍ଟ

ନବାନ୍ନ - ନୂଆ ଅନ୍ନ

ଭକ୍ଷଣ - ଖାଇବା

ଯୋଗାଡ଼ - ସଂଗ୍ରହ

ପରିଧାନ - ପିନ୍ଧିବା

ଉଲ୍ଲାସ - ଖୁସି

ଶଯ୍ୟା - ବିଛଣା

ଉତ୍ସାହ - ଆଗ୍ରହ

ବିଶେଷତ୍ୱ - ସ୍ୱତନ୍ତ୍ରତା

ସଦ୍‌ଭାବନା - ଭଲଚିନ୍ତା

ପିଣ୍ଡଦାନ - ପିତୃପୁରୁଷଙ୍କ ଶ୍ରାଦ୍ଧ

ନାଦ - ଶବ୍ଦ

ଦୁଲୁକି - ଥରିଉଠିବା

ଗୋରସ - ଗାଈକ୍ଷୀର

ଚଉତି - ପତ୍ରରେ ତିଆରି ଠୁଙ୍ଗା

ସେବନ - ଖାଇବା

ବିଧି - ନିୟମ

ଖରିଫ - ଶୀତକାଳୀନ ଫସଲ

ODM EDUCATIONAL GROUP Changing your Tomorrow

ରବିଫସଲ - ବସନ୍ତକାଳୀନ ଫସଲ

ସଂପ୍ରଦାୟ - ଗୋଷ୍ଠୀ, ଶ୍ରେଣୀୟ

ଉଦ୍ଦୀପନା - ଉତ୍ସାହ

ଭେଦଭାବ - ବାଛବିଚାର

ସହାୟକ - ସାହାଯ୍ୟକାରୀ

**ବହି ପ୍ରଶ୍ନଉତ୍ତର:**

୧. ଆସ କଥାବାର୍ତ୍ତା ହେବା ।

କ) ଆମେ ବିଭିନ୍ନ ପର୍ବ ପାଳନ କରିଥାଉ କାହିଁକି ?

ଉ: ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ମାନବିକତା ଓ ଭ୍ରାତୃତ୍ୱ ଭାବନା ସୃଷ୍ଟି ପାଇଁ ମନରୁ ବାଦ-ବିବାଦ, ରାଗ-ରୁଷା ଦୂର କରିବା ପାଇଁ ଓ ଆମ ଧର୍ମ, ସଂସ୍କୃତି ଓ ପରମ୍ପରାକୁ ଠିକ୍ ବାଟରେ ପରିଚାଳିତ କରିବା ପାଇଁ ଆମେ ବିଭିନ୍ନ ପର୍ବପର୍ବାଣି ପାଳନ କରିଥାଉ ।

ଖ) ନୂଆଖାଇ ପର୍ବ କେଉଁଦିନ ପାଳିତ ହୁଏ ?

ଉ: ନୂଆଖାଇ ପର୍ବ ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପାଳନ କରାଯାଏ ।

ଗ) ନୂଆଖାଇ ପୂର୍ବରୁ କେଉଁ ପର୍ବ ପାଳନ କରାଯାଏ ?

ଉ: ନୂଆଖାଇ ପୂର୍ବରୁ ବିଦ୍ୟାଦାତା ଶ୍ରୀଗଣେଶଙ୍କ ପୂଜା ପାଳନ କରାଯାଏ ।

ଘ) ଏହି ପର୍ବ ଆମକୁ କ'ଣ ଶିଖାଇଥାଏ ?

ଉ: ଏହି ପର୍ବ ଆମକୁ ସାମାଜିକ ବନ୍ଧନର ଗୁରୁତ୍ୱ ଶିଖାଇବା ସହିତ ମନରୁ ଜାତିଭେଦ, ଉଚ୍ଚନୀଚ, ରାଗ, ହିଂସା, କ୍ରୋଧ ଦୂର କରିବା ଶିଖାଇଥାଏ ।

ଙ) ଏ ପର୍ବର ବିଶେଷତ୍ୱ କ'ଣ ?

ଉ: ଏହି ପର୍ବର ବିଶେଷତ୍ୱ ହେଲା- ଏହା ଜନସାଧାରଣଙ୍କୁ ସାମାଜିକ ବନ୍ଧନର ଗୁରୁତ୍ୱ ଶିଖାଇଥାଏ ।

୨. ବାଲ୍‌ଟିରେ କେତେଗୁଡ଼ିଏ ଶବ୍ଦ ଓ ମାଠିଆରେ ତା'ର ବିପରୀତ ଅର୍ଥ ବୁଝାଉଥିବା ଶବ୍ଦଗୁଡ଼ିକ ଅଛି । ତାକୁ ଏକାଠି କରି ଲେଖିବା ।

ଉ: ସରସ - ନୀରସ    ନୂଆ - ପୁରୁଣା

ଶୁକ୍ଳ – କୃଷ୍ଣ    ସୀମିତ - ଅସୀମ

ଦରିଦ୍ର - ଧନୀ

୩. ତଳେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି । ସେଗୁଡ଼ିକର ବିପରୀତ ଲିଙ୍ଗ ପ୍ରକାଶ କରୁଥିବା ଶବ୍ଦଗୁଡ଼ିକୁ ଲେଖିବା ।

ଉ: ନର - ନାରୀ　　　　ବୁଢ଼ା – ବୁଢ଼ୀ

ଇଷ୍ଟଦେବୀ – ଇଷ୍ଟଦେବ　　　　ବୋହୂ - ପୁଅ

ପିତୃ – ମାତୃ

୪. ଠିକ୍ ବନାନ ଥିବା ଶବ୍ଦଗୁଡ଼ିକୁ ବାଛି ତଳ କୋଠରୀରେ ଲେଖିବା ।

ଉ: ସରସ, ସୀମିତ, ଉତ୍ସାହ, ସାମଗ୍ରୀ, ଭ୍ରାତୃତ୍ୱ

୫. ''ପିଲାମାନେ ପଢ଼ିଆରେ ଖେଳୁଛନ୍ତି ।'' ଏହି ବାକ୍ୟରେ ଖେଳିବା କାମକୁ ପିଲାମାନେ କରୁଛନ୍ତି । ତେଣୁ 'ପିଲାମାନେ' ହେଉଛନ୍ତି କର୍ତ୍ତା ଓ 'ଖେଳୁଛନ୍ତି' କ୍ରିୟା । ସେହିପରି ତଳ ବାକ୍ୟଗୁଡ଼ିକରେ କର୍ତ୍ତା ଚାରିପଟେ ଗୋଲ ବୁଲାଇବା ଓ କ୍ରିୟାପଦ ତଳେ ଗାର ଦେବା ।

କ) **ଝିଅବୋହୂମାନେ** ଘରଦ୍ୱାର **<u>ସଜାଡ଼ନ୍ତି</u>** ।

ଖ) **ମୁଁ** ବାପାଙ୍କ ସାଙ୍ଗରେ ଭୋଜି ଖାଇବାକୁ **<u>ଗଲି</u>** ।

ଗ) **ଚପଳା** କାଲି ନୟାଗଡ଼ରୁ **<u>ଫେରିବ</u>** ।

ଘ) **ତୁମେମାନେ** କାହିଁକି ସମୟ ନଷ୍ଟ **<u>କରୁଛ</u>** ।

ଙ) **ଅଳସୁଆ** ଦୁଃଖ **<u>ପାଏ</u>** ।

ODM EDUCATIONAL GROUP Changing your Tomorrow

୬. ଘରର ମୁଖିଆ ନୂଆ ଲୁଗା ପିନ୍ଧନ୍ତି ।

ସେ ପୂଜାପାଠ କରନ୍ତି ।

ପ୍ରଥମ ବାକ୍ୟରେ ଥିବା 'ଘରର ମୁଖିଆ'ଙ୍କୁ ବୁଝାଇବା ପାଇଁ ଦ୍ୱିତୀୟ ବାକ୍ୟରେ 'ସେ' ବ୍ୟବହାର କରାଯାଇଛି ।

ସେହିପରି ତଳ ବାକ୍ୟଗୁଡ଼ିକରେ ଗାର ଦିଆଯାଇଥିବା ଶବ୍ଦକୁ ବୁଝାଇବା ପାଇଁ ଯେଉଁ ଶବ୍ଦ ବନ୍ଧନୀରୁ ବ୍ୟବହାର କରାଯିବ ତା' ଚାରିପଟେ ଗୋଲ ◯ ବୁଲାଅ ।

କ) **<u>ପୁଅଝିଅମାନେ</u>** ପାଠ ପଢ଼ିଲେ ଘରର ଓ ଦେଶର ମଙ୍ଗଳ ।　　ସେ / (ସେମାନେ)

ଖ) **<u>ମୋତେ ଓ ମୋ ସାଙ୍ଗଙ୍କୁ</u>** ପୁରସ୍କାର ମିଳିଲା ।　　(ଆମ୍ଭମାନଙ୍କୁ) / ସେମାନଙ୍କୁ

ଗ) **<u>ବିଜୟବାବୁଙ୍କ</u>** ବଗିଚାଟି ଖୁବ୍ ସୁନ୍ଦର ହୋଇଛି ।　　(ତାଙ୍କର) / ତୁମର

ଘ) ନୂଆଖାଇ **<u>କୃଷକମାନଙ୍କର</u>** ଆନନ୍ଦ ଉଲ୍ଲାସର ପର୍ବ ।　　ତୁମମାନଙ୍କର / (ସେମାନଙ୍କର)

୭. ସୋମା ଓ ରାଜୁ ଯଦି ଆସିବେ ମୁଁ ଯିବି।

ଏହି ବାକ୍ୟରେ 'ଓ', 'ଯଦି' ଶବ୍ଦ ଦୁଇଟି ଅବ୍ୟୟ ପଦ। ସେହିପରି ତଳ ବାକ୍ୟଗୁଡ଼ିକରେ ଥିବା ଅବ୍ୟୟ ପଦକୁ ବାଛି ଲେଖିବା।

କ) ମୁଁ ତାକୁ ଡାକିଲି, କିନ୍ତୁ ସେ ଆସିଲା ନାହିଁ।

ଉ: କିନ୍ତୁ

ଖ) ବୃକ୍ଷଲତା ତ ଆମର ବନ୍ଧୁ।

ଉ: ତ

ଗ) ଅଳସୁଆ ହୋଇ ବସ ନାହିଁ, ବରଂ କିଛି କାମ କର।

ଉ: ବରଂ

ଘ) ମୁଁ ତାକୁ ଏତେ ଅନୁରୋଧ କଲି ତଥାପି ସେ ମୋ କଥା ଶୁଣିଲା ନାହିଁ।

ଉ: ତଥାପି

ଙ) ସେ ଆଜି ଆସିଥିଲେ, ପୁଣି କାଲି ଆସିବେ।

ଉ: ପୁଣି

୮. ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା।

କ) ନୂଆଖାଇ ପର୍ବ କେବେ ପାଳନ କରାଯାଏ ?

ଉ: ନୂଆଖାଇ ପର୍ବ ଭାଦ୍ରବମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପାଳନ କରାଯାଏ।

ଖ) ଏହି ପର୍ବ ପାଳନ ପୂର୍ବରୁ ଲୋକମାନେ କିପରି ନିଜକୁ ପ୍ରସ୍ତୁତ କରନ୍ତି ?

ଉ: ଏହି ପର୍ବ ପାଳନ ପୂର୍ବରୁ ଲୋକମାନେ ଘର ଲିପାପୋଛା, ଘର ସଜାସଜି, ପୂଜା ପାଇଁ ଧୂପ, ଦୀପ, ମିଠା ପିଠା, ନୂଆବସ୍ତ୍ର ଆଦି ସଂଗ୍ରହ କରି ପ୍ରସ୍ତୁତ ହୁଅନ୍ତି।

ଗ) 'ନୂଆଖାଇ ଜୁହାର' କିଏ କାହାକୁ କରନ୍ତି ?

ଉ: 'ନୂଆଖାଇ ଜୁହାର' ସାନମାନେ ବଡ଼ମାନଙ୍କୁ କରନ୍ତି।

ଘ) 'ନୂଆଖାଇ ଭେଟଘାଟ' କେତେବେଳେ ହୋଇଥାଏ ?

ଉ: ନୂଆଖାଇ ସାରି ଘରର ଝିଅବୋହୂମାନେ ରଙ୍ଗବେରଙ୍ଗ ପୋଷାକ ପିନ୍ଧି ନୂଆଖାଇ ଭେଟଘାଟ କରିଥା'ନ୍ତି।

ଙ) ତୁମେ ଜାଣିଥିବା କେତୋଟି ପର୍ବପର୍ବାଣିର ନାମ ଲେଖ।

ଉ: ଆମେ ଜାଣିଥିବା କେତୋଟି ପର୍ବପର୍ବାଣିର ନାମ ହେଲା:- ରଜପର୍ବ, ବାଲିଯାତ୍ରା, ରଥଯାତ୍ରା, ହୋଲିପର୍ବ, ଶୀତଳଷଷ୍ଠୀ ଇତ୍ୟାଦି।

ODM EDUCATIONAL GROUP Changing your Tomorrow

୯. ତଳେ କିଛି ପର୍ବ ଓ ସେହି ପର୍ବଗୁଡ଼ିକର ନିର୍ଦ୍ଦିଷ୍ଟ ସମୟ ବିଷୟରେ ସୂଚନା ଦିଆଗଲା। ଆସ ଗାର ଟାଣି ସେମାନଙ୍କୁ ମିଶାଇବା।

| | |
|---|---|
| ଇଦ୍-ଉଲ୍-ଫିତର | ଡିସେମ୍ବର ମାସ ୨୫ ତାରିଖ |
| ରକ୍ଷାବନ୍ଧନ | ଅଗଷ୍ଟ ୧୫ ତାରିଖ |
| ବଡ଼ଦିନ | ଭାଦ୍ରବ କୃଷ୍ଣ ଅଷ୍ଟମୀ |
| ଶ୍ରୀକୃଷ୍ଣ ଜନ୍ମ | ଶ୍ରାବଣ ପୂର୍ଣ୍ଣିମା |
| ସ୍ୱାଧୀନତା ଦିବସ | ରମ୍ଜାନ ସରିବା ପରଦିନ |
| | କାର୍ତ୍ତିକ ପୂର୍ଣ୍ଣିମା |

୧୦. ତଳେ ଦିଆଯାଇଥିବା ପ୍ରତ୍ୟେକ ଶବ୍ଦ ପାଇଁ କେତୋଟି ଅର୍ଥ ଦିଆଯାଇଛି। ଠିକ୍ ଅର୍ଥ ସ୍ଥାନରେ ଗୋଲ ◯ ବୁଲାଅ।

| | | | | |
|---|---|---|---|---|
| ଉଦ୍ଦୀପନା | - | ମିଳନ | **ଉତ୍ସାହ** | ଆଗ୍ରହ |
| ପରମ୍ପରା | - | ସୌନ୍ଦର୍ଯ୍ୟ | ପ୍ରଗତି | **ପ୍ରଥା** |
| ସଂପ୍ରଦାୟ | - | ଧାର୍ମିକ | **ଗୋଷ୍ଠୀ** | ପୂଜାରୀ |
| ବିଷାଦ | - | ଜଞ୍ଜାଳ | କ୍ରୋଧ | **ଦୁଃଖ** |

୧୧. ତଳେ ଦିଆଯାଇଥିବା ଶବ୍ଦମାନଙ୍କୁ ନେଇ ବାକ୍ୟଗଠନ କର।

ରାଗରୁଷା - ରାଗରୁଷାଠାରୁ ଦୂରେଇ ରହିବା ମଣିଷର ପରମ କର୍ତ୍ତବ୍ୟ।

ବାଦବିବାଦ - ପରିବାର ମଧ୍ୟରେ ବାଦବିବାଦ ରହିବା ଆଦୌ ଉଚିତ୍ ନୁହେଁ।

ମାନଅଭିମାନ - ମାନଅଭିମାନ ମନରୁ ଦୂରେଇ ଦେବା ଉଚିତ୍।

ଭେଦଭାବ - ଭେଦଭାବ ଭୁଲି ଗାଁ ଲୋକେ ଉତ୍ସବ ପାଳନ କଲେ।

♦♦♦

ODM EDUCATIONAL GROUP Changing your Tomorrow